[2010] 7 ଏସ୍. ସି. ଆର୍. 403

ମେସର୍ସ ଭୱଁରଲାଲ ଦୁଗର ଏବଂ ଅନ୍ୟମାନେ

ବନାମ

ବ୍ରିଧିଚାନ୍ଦ ପନ୍ନାଲାଲ ଏବଂ ଅନ୍ୟମାନେ

(ଦେୱାନୀ ଆବେଦନ ସଂଖ୍ୟା 4889/2010)

5, ଜୁଲାଇ 2010

**[ବି. ସୁଦେର୍ଶନ୍ ରେଡ୍ଡୀ ଏବଂ ସୁରିନ୍ଦର ସିଂ**

**ନିଜ୍ଜର ନ୍ୟାୟାଧୀଶ ବୃନ୍ଦ]**

*ଦେୱାନୀ କାର୍ଯ୍ୟବିଧି ସଂହିତା, 1908:*

*ଧାରା 96- ମୂଳ ବିଚାର ଆଦେଶରୁ ଆବେଦନ- ପରିସର- ନିର୍ଣ୍ଣିତ ଯେ: ଏକ ନିୟମିତ ପ୍ରଥମ ଆବେଦନ ହେଉଛି ମକଦ୍ଦମାର ପୁନଃ ଶୁଣାଣି ଏବଂ ଆପୀଲିୟ ନ୍ୟାୟାଳୟ ନଥିରେ ଥିବା ପ୍ରମାଣକୁ ବିଚାର କରିବାକୁ ଏବଂ ସିଦ୍ଧାନ୍ତରେ ପହଞ୍ଚିବାକୁ ବାଧ୍ୟ-ସାନି ମାମଲାରେ, ଆପୀଲୀୟ ନ୍ୟାୟାଳୟ ନିଜର ଆପୀଲିୟ କ୍ଷେତ୍ରାଧିକାରିତା ପ୍ରୟୋଗ କରିବାରେ ଶୋଚନୀୟ ଭାବରେ ବିଫଳ ହୋଇଥିଲେ କାରଣ ଏହା କୌଣସି ସ୍ୱାଧୀନ ବୁଦ୍ଧିମତ୍ତା ପ୍ରୟୋଗ ଏବଂ ପ୍ରମାଣର ତର୍ଜମା ବିନା ଆପୀଲିୟ ନ୍ୟାୟାଳୟଙ୍କର ରାୟକୁ ଆକ୍ଷରିକ ଭାବରେ ନକଲ କରିଥିଲେ- ଭଡ଼ା ନିୟନ୍ତ୍ରଣ ଏବଂ ଉଚ୍ଛେଦ ।*

*ଧାରା 115- ଉଚ୍ଚ ନ୍ୟାୟଳୟଙ୍କର ପୁନଃରୀକ୍ଷଣ କ୍ଷେତ୍ରାଧିକାର- ନିର୍ଣ୍ଣିତ ଯେ: ଉଚ୍ଚ ନ୍ୟାୟାଳୟ ପ୍ରମାଣ ଗୁଡିକର ଭିନ୍ନ ଦୃଷ୍ଟିକୋଣ ଗ୍ରହଣ କରି ପ୍ରମାଣକୁ ପୁନଃମୂଲ୍ୟାୟନ କରିପାରିବେ ନାହିଁ ଏବଂ ନିମ୍ନ ଅଦାଲତଗୁଡ଼ିକ ଦ୍ୱାରା ନଥିଭୁକ୍ତ କରାଯାଇଥିବା ତଥ୍ୟର ସମକାଳୀନ ନିଷ୍କର୍ଷକୁ ଖାରଜ କରିପାରିବେ ନାହିଁ- ଯଦି ଉଚ୍ଚ ନ୍ୟାୟାଳୟ ଜାଣିବାକୁ ପାଅନ୍ତି ଯେ ନିମ୍ନ ଅଦାଲତଗୁଡ଼ିକ ନଥିରେ ରେ ଥିବା ସାମଗ୍ରୀକ ପ୍ରମାଣକୁ ବିଚାର କରିନାହାଁନ୍ତି ତେବେ ମାମଲାକୁ ପ୍ରେରଣ କରିବା ଉଚ୍ଚ ନ୍ୟାୟାଳୟଙ୍କ ପକ୍ଷେ ଉନ୍ମୁକ୍ତ ରହିବ- ସାନି ମାମଲାରେ, ଯଦିଓ ଉଚ୍ଚ ନ୍ୟାୟାଳୟ ଠିକ୍ ଭାବରେ ଦର୍ଶାଇଛନ୍ତି ଯେ ଆପୀଲିୟ ନ୍ୟାୟାଳୟ ନଥିରେ ଥିବା ସାମଗ୍ରୀକ ପ୍ରମାଣକୁ ବିଚାର କରିବାରେ ବିଫଳ ହୋଇଛି, କିନ୍ତୁ ଏହା ନିଜ ଉପରେ ସେହି ଦାୟିତ୍ୱ ଗ୍ରହଣ କରିବାରେ ଭୁଲ କରିଛନ୍ତି-*

*ହାଇକୋର୍ଟଙ୍କ ନିର୍ଦ୍ଦେଶ ରଦ୍ଦ କରାଯାଇଛି - ପୁନର୍ବାର ଅପିଲର ଶୁଣାଣି ଏବଂ ଫଏସଲା ପାଇଁ ମାମଲାକୁ ଆପୀଲିୟ ନ୍ୟାୟାଳୟକୁ ପ୍ରେରଣ କରାଯାଇଛି-ଭଡା ନିୟନ୍ତ୍ରଣ ଏବଂ ଉଚ୍ଛେଦ ।*

ଆପୀଲିୟ ନ୍ୟାୟାଳୟଙ୍କ ଦ୍ୱାରା ନିଶ୍ଚିତ କରାଯାଇଥିବା ବିଚାରଣ ନ୍ୟାୟାଳୟଙ୍କ ଦ୍ୱାରା ନଥିଭୁକ୍ତ କରାଯାଇଥିବା ସମକାଳୀନ ତଥ୍ୟର ସିଦ୍ଧାନ୍ତକୁ ଓଲଟାଇ ଏକ ପୁନରୀକ୍ଷଣ ଆବେଦନରେ ଉଚ୍ଚ ନ୍ୟାୟାଳୟ ଦେଇଥିବା ରାୟ ବିରୁଦ୍ଧରେ ବାଦୀ-ଜମିମାଲିକଙ୍କ ଦ୍ୱାରା ସାନି ଆବେଦନ ଦାୟର କରି ନିବେଦନ କରାଯାଇଥିଲା ଯେ ଭଡାଟିଆ-ପ୍ରତିବାଦୀ ଜଣେ ଇଚ୍ଛାକୃତ ଖିଲାପକାରୀ, ତେଣୁ ସେ ଉଚ୍ଛେଦ କରାଯିବାକୁ ଯୋଗ୍ୟ ଏବଂ ଘରମାଲିକ-ଆବେଦନକାରୀମାନେ ପ୍ରକୃତରେ ସେମାନଙ୍କ ନିଜସ୍ୱ ବ୍ୟବସାୟ ପାଇଁ ଏହି ସ୍ଥାନ ଆବଶ୍ୟକ କରନ୍ତି ।

ଆବେଦନକୁ ଅନୁମତି ଦେଇ, ନ୍ୟାୟାଳୟ

ନିର୍ଣ୍ଣୟ ନେଇଥିଲେ ଯେ: **1.1.**ବାଦୀ-ଆବେଦନକାରୀମାନେ ସେମାନଙ୍କ ଅଭିଯୋଗରେ ସ୍ପଷ୍ଟ ଏବଂ ନିର୍ଦ୍ଦିଷ୍ଟ ଶବ୍ଦରେ ନିବେଦନ କରିଛନ୍ତି ଯେ ଦର୍ଶିତ ପରିସର ସେମାନଙ୍କ ନିଜସ୍ୱ ବ୍ୟବହାର ପାଇଁ ଆବଶ୍ୟକ କାରଣ ସେମାନେ ଏବଂ ସେମାନଙ୍କ ପୁଅମାନେ ଦର୍ଶିତ ପରିସରରେ ନିଜସ୍ୱ ବ୍ୟବସାୟ କରିବେ । ନଥିରେ ଉପଲବ୍ଧ ପ୍ରମାଣ ଗୁଡିକୁ ବିଚାର କରିବା ପରେ ବିଚାରଣ ନ୍ୟାୟାଳୟ ଜାଣିବାକୁ ପାଇଛନ୍ତି ଯେ ଆବେଦନକାରୀ/ବାଦୀଙ୍କ ପାଖରେ ତଳ ମହଲାରେ ଅବସ୍ଥିତ ମକଦ୍ଦମା ପରିସର ବ୍ୟତୀତ ନିଜର ବ୍ୟବସାୟ ଆରମ୍ଭ କରିବା ପାଇଁ ଅନ୍ୟ କୌଣସି ଉପଯୁକ୍ତ ସ୍ଥାନ ନାହିଁ । ନଥିରେ ଉପଲବ୍ଧ ପ୍ରମାଣକୁ ବିଚାର ନକରି ଆପୀଲିୟ ନ୍ୟାୟାଳୟ କେବଳ ବିଚାରଣ ନ୍ୟାୟାଳୟଙ୍କର ଫଳାଫଳକୁ ଆକ୍ଷରିକ ଭାବରେ ନକଲ କରିଥିଲେ । ପ୍ରତିବାଦୀଙ୍କ ତରଫରୁ ଇଚ୍ଛାକୃତ ଖିଲାପି ସମ୍ବନ୍ଧୀୟ ପ୍ରସଙ୍ଗକୁ ବିଚାର କରିବା ସମୟରେ ମଧ୍ୟ ଏହା ସମାନ ଭୁଲ କରିଥିଲେ ।

**1.2.**ଏକ ନିୟମିତ ପ୍ରଥମ ଆବେଦନ ହେଉଛି ମକଦ୍ଦମାର ପୁନଃ ଶୁଣାଣି ବ୍ୟତୀତ ଆଉ କିଛି ନୁହେଁ ଏବଂ ଆପୀଲିୟ ନ୍ୟାୟାଳୟ ନଥିରେ ଉପଲବ୍ଧ ପ୍ରମାଣକୁ ବିଚାର କରିବାକୁ ଏବଂ ଏକ ସିଦ୍ଧାନ୍ତରେ ପହଞ୍ଚିବାକୁ ବାଧ୍ୟ ଅଟନ୍ତି । କେବଳ ପ୍ରମାଣର ବିଚାର ପରେ ଆସିଥିବା ଏପରି ସିଦ୍ଧାନ୍ତ ନିର୍ଣ୍ଣାୟକ ଏବଂ ସାଧାରଣତଃ ପ୍ରମାଣର ପୁନର୍ବିଚାର କରି ପୁନଃରୀକ୍ଷଣ ନ୍ୟାୟାଳୟ ଦ୍ୱାରା ହସ୍ତକ୍ଷେପ କରାଯାଏ ନାହିଁ । ଏହି ମାମଲାରେ, ଆପୀଲିୟ ନ୍ୟାୟାଳୟ କୌଣସି ସ୍ୱାଧୀନ ବୁଦ୍ଧିମତ୍ତା ପ୍ରୟୋଗ ନକରି ଏବଂ ପ୍ରମାଣର ମୂଲ୍ୟାଙ୍କନ ନକରି ବିଚାରଣ ନ୍ୟାୟାଳୟଙ୍କର ରାୟକୁ ଆକ୍ଷରିକ ନକଲ

**କରିଥିଲେ । ଆପୀଲିୟ ନ୍ୟାୟାଳୟ ନିଜର ଅପିଲୀୟ କ୍ଷେତ୍ରାଧିକାରିତା କ୍ଷେତ୍ର ପ୍ରୟୋଗ କରିବାରେ ଶୋଚନୀୟ ଭାବେ ବିଫଳ ହୋଇଥିଲେ ।**

**2. ଏହା ସ୍ଥିରୀକୃତ ଆଇନ ଯେ ଉଚ୍ଚ ନ୍ୟାୟାଳୟ ପ୍ରମାଣକୁ ପୁନର୍ବାର ବିଚାର କରିପାରିବେ ନାହିଁ ଏବଂ ପ୍ରମାଣର ଏକ ଭିନ୍ନ ଦୃଷ୍ଟିକୋଣ ନେଇ ନିମ୍ନ ଅଦାଲତ ଦ୍ୱାରା ନଥିଭୁକ୍ତ କରାଯାଇଥିବା ତଥ୍ୟର ସମକାଳୀନ ଫଳାଫଳକୁ ବାତିଲ କରିବାପାରିବେ ନାହିଁ । ଯଦି ଉଚ୍ଚ ନ୍ୟାୟାଳୟଙ୍କ ମତରେ ନିମ୍ନ ଅଦାଲତଗୁଡ଼ିକ ନଥିରେ ଥିବା ସାମଗ୍ରୀକ ପ୍ରମାଣକୁ ବିଚାର କରିନାହାଁନ୍ତି, ତେବେ ମାମଲାକୁ ବିଚାର ପାଇଁ ପ୍ରେରଣ କରିବା ସର୍ବଦା ଉଚ୍ଚ ନ୍ୟାୟାଳୟଙ୍କ ପାଇଁ ଉନ୍ମୁକ୍ତ ରହିବ । ଏହି ମାମଲାରେ, ଉଚ୍ଚ ନ୍ୟାୟାଳୟ ଆପୀଲିୟ ନ୍ୟାୟାଳୟଙ୍କ ଦ୍ୱାରା ପୁନର୍ବାର ବିଚାର ପାଇଁ ମାମଲାକୁ ପଠାଇବା ପରିବର୍ତ୍ତେ, ଏହି ଦାୟିତ୍ୱ ନିଜ ଉପରେ ନେବାକୁ ଏହି ଆଧାରରେ ବାଛିଥିଲେ ଯେ ଆପୀଲିୟ ନ୍ୟାୟାଳୟ ନଥିରେ ଥିବା ସାମଗ୍ରୀକ ପ୍ରମାଣକୁ ବିଚାର କରିବାରେ ବିଫଳ ହୋଇଥିଲେ, ଏବଂ ଏହି ପଦ୍ଧତି ଗ୍ରହଣୀୟ ହୋଇପାରିବ ନାହିଁ ।**

**3.  ଉଚ୍ଚ ନ୍ୟାୟାଳୟଙ୍କର ଆଦେଶ ବାତିଲ କରିଦିଆଯାଇଛି । ଆଇନ ଅନୁଯାୟୀ ଏବଂ ଶୀଘ୍ର ଆବେଦନଟିର ନୂତନ ଶୁଣାଣି ଏବଂ ସମାଧାନ ପାଇଁ ମାମଲାଟି ଅପୀଲିୟ ନ୍ୟାୟାଳୟକୁ ପଠାଯାଇଛି ।**

ଦେୱାନୀ ଆବେଦନ କ୍ଷେତ୍ରାଧିକାରିତା :  ଦେୱାନୀ ଆବେଦନ ସଂଖ୍ୟା 4889/2010 ।

2009 ପୁନଃରୀକ୍ଷଣ ଆବେଦନ ସଂଖ୍ୟା 157/2009ରେ ଗୌହାଟୀ ଉଚ୍ଚ ନ୍ୟାୟାଳୟଙ୍କର 13.8.2009 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ବିଜୟ ହଂସାରିଆ, ଅସୀମ ମେହରୋତ୍ରା, ଅଭିଜାତ ପି. ମେଧି ।

ଉତ୍ତରଦାତାମାନଙ୍କ ପାଇଁ ପି. ଏସ୍. ନରସିଂହନ୍, ମନୀଷ ଗୋସ୍ୱାମୀ (ମ୍ୟାପ୍ ଏବଂ କୋ. ପାଇଁ)।

ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଯାଇଥିଲା

**ନ୍ୟାୟାଧୀଶ ବି. ସୁଦେର୍ଶନ୍ ରେଡ୍ଡୀ,** 1.ଅନୁମତି ପ୍ରଦାନ କରାଗଲା ।

2. ଆସାମର ଗୌହାଟୀରେ ଥିବା ବାଣିଜ୍ୟିକ ପରିସରରୁ ଉଚ୍ଛେଦ କରାଯିବାର ସମକାଳୀନ ଆଦେଶ ଓଲଟାଇ ଡେଇଥିବା ଉଚ୍ଚ  ନ୍ୟାୟାଳୟଙ୍କ ଡିକ୍ରି ବିରୁଦ୍ଧରେ ବିଶେଷ ଅନୁମତି ଦ୍ୱାରା ଏହା ଏକ ଜମି ମାଲିକଙ୍କ ଆବେଦନ । 'ବିଚାରଣ ନ୍ୟାୟାଳୟ, ଆପୀଲିୟ ନ୍ୟାୟାଳୟ ଏକାସାଙ୍ଗରେ ଜାଣିବାକୁ ପାଇଲେ ଯେ ଉତ୍ତରଦାତା ଜଣେ ଇଚ୍ଛାକୃତ ଖିଲାପକାରୀ ଏବଂ ଉଚ୍ଛେଦ ହେବା ଯୋଗ୍ୟ । ସେମାନେ ଏହା ମଧ୍ୟ ଜାଣିବାକୁ ପାଇଛନ୍ତି ଯେ ଏଠାରେ ଥିବା ଆବେଦନକାରୀମାନେ ସେମାନଙ୍କର ନିଜସ୍ୱ ବ୍ୟବସାୟ ଉଦ୍ଦେଶ୍ୟରେ ପରିସର ଆବଶ୍ୟକ କରିଥିଲେ । ଉଚ୍ଚ ନ୍ୟାୟାଳୟ ଦେୱାନୀ କାର୍ଯ୍ୟବିଧି ସଂହିତାର ଧାରା 115 ଅନୁଯାୟୀ ଏହାର କ୍ଷେତ୍ରାଧିକାରିତା କ୍ଷେତ୍ର ପ୍ରୟୋଗ କରି ତଥ୍ୟର ସମକାଳୀନ ଫଳାଫଳକୁ ଓଲଟାଇ ଦେଇଥିଲେ ଏବଂ ସେହି ଅନୁଯାୟୀ ପ୍ରତିବାଦୀଙ୍କ ବିରୋଧରେ ଆବେଦନକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ଉଚ୍ଛେଦ ମକଦ୍ଦମାକୁ ଖାରଜ କରିଦେଇଥିଲେ ।

3. ପ୍ରଶ୍ନରେ ଥିବ ଉକ୍ତ ପରିସରଟି ଏକ ବ୍ୟାବସାୟିକ ପରିସର ଅଟେ । ପକ୍ଷମାନଙ୍କ ମଧ୍ୟରେ ଜମି ମାଲିକ ଏବଂ ଭଡ଼ାଟିଆ ଭାବରେ କୌଣସି ବିବାଦ ନାହିଁ । ବିଚାରଣ ନ୍ୟାୟାଳୟ ଦ୍ୱାରା ପ୍ରସ୍ତୁତ ହୋଇଥିବା କେବଳ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଲା: (1) ଆବେଦନକାରୀଙ୍କ ଅନୁରୋଧ ଅନୁଯାୟୀ, 1993 ମସିହା ଏପ୍ରିଲ ମାସଠାରୁ ଭଡ଼ା ପଇଠ କରିବାରେ ଉତ୍ତରଦାତା କୌଣସି ତ୍ରୁଟି କରିଛନ୍ତି କି? (2) ଆବେଦନକାରୀମାନେ ସେମାନଙ୍କ ନିଜସ୍ୱ ବ୍ୟବହାର ପାଇଁ ମୋକଦ୍ଦମା ଅଧୀନ ପରିସରକୁ ଯଥାର୍ଥ ଭାବରେ ଆବଶ୍ୟକ କରିଥିଲେ କି?ଉଭୟ ପ୍ରସଙ୍ଗରେ ବିଚାରଣ ନ୍ୟାୟାଳୟ ତଥା ଆପୀଲିୟ ନ୍ୟାୟାଳୟ ଏକାସାଙ୍ଗରେ ଆବେଦନକାରୀଙ୍କ ସପକ୍ଷରେ ରାୟ ପ୍ରଦାନ କରିଥିଲେ ।

4. ଉଚ୍ଚ ନ୍ୟାୟାଳୟ ପ୍ରମାଣର ପୁନର୍ବିଚାର କରିବା ପରେ ନିମ୍ନ ନ୍ୟାୟାଳୟ ଗୁଡ଼ିକର ଫଳାଫଳକୁ ଓଲଟା କରିଦେଇଛନ୍ତି ।

5. ଏହି ଆବେଦନରେ, ଆବେଦନକାରୀଙ୍କ ତରଫରୁ ହାଜର ବିଦ୍ୱାନ ବରିଷ୍ଠ ଅଧିବକ୍ତା ଶ୍ରୀ ବିଜୟ ହଂସାରିଆ ଦୃଢତାର ସହ ଯୁକ୍ତି ଉପସ୍ଥାପନ କରିଥିଲେ ଯେ ନିମ୍ନ ଅଦାଲତ ଗୁଡିକ ଦ୍ୱାରା ମିଳିଥିବା ତଥ୍ୟର ସମକାଳୀନ ଅନୁସନ୍ଧାନରେ ହସ୍ତକ୍ଷେପ କରି ଉଚ୍ଚ ନ୍ୟାୟାଳୟ ଏକ ସ୍ପଷ୍ଟ ତ୍ରୁଟି କରିଛନ୍ତି ଯାହା ଆଇନତଃ ଗ୍ରହଣୀୟ ନୁହେଁ । ସେ ଏହା ମଧ୍ୟ ଯୁକ୍ତି କରିଥିଲେ ଯେ ଆବେଦନକାରୀମାନେ ସ୍ପଷ୍ଟ ଭାବରେ ଦର୍ଶାଇଛନ୍ତି ଏବଂ ସେମାନଙ୍କର ଯୁକ୍ତି ପ୍ରତିପାଦିତ କରିଛନ୍ତି ଯେ ଉତ୍ତରଦାତା ଏପ୍ରିଲ୍, 1993 ରୁ ମକଦ୍ଦମା ଦାଖଲ କରିବା ତାରିଖ ପର୍ଯ୍ୟନ୍ତ ଭଡ଼ା ପ୍ରଦାନ

କରିବାରେ ଖିଲାପ କରିଛନ୍ତି । ଆବେଦନକାରୀମାନେ ମଧ୍ୟ ସଫଳତାର ସହ ପ୍ରତିପାଦିତ କରିଛନ୍ତି ଯେ ସମ୍ପୃକ୍ତ ପରିସର ସେମାନଙ୍କ ବ୍ୟବସାୟିକ ଉଦ୍ଦେଶ୍ୟ ପାଇଁ ଆବଶ୍ୟକ । ତାଙ୍କର ନିବେଦନ ଥିଲା ଯେ ଉଚ୍ଚ ନ୍ୟାୟାଳୟ ତଥ୍ୟର ସମକାଳୀନ ଅନୁସନ୍ଧାନରେ ହସ୍ତକ୍ଷେପ କରି ଏହାର କ୍ଷେତ୍ରାଧିକାରିତା କ୍ଷେତ୍ରକୁ ଅତିକ୍ରମ କରିଥିଲେ । ଉତ୍ତରଦାତା ତରଫରୁ ହାଜର ବିଦ୍ୱାନ ବରିଷ୍ଠ ଅଧିବକ୍ତା ଶ୍ରୀ ପି. ଏସ୍. ନରସିଂହ ଯୁକ୍ତି ବାଢ଼ିଥିଲେ ଯେ ନିମ୍ନ  ନ୍ୟାୟାଳୟମାନଙ୍କ ଦ୍ୱାରା ନଥିଭୁକ୍ତ କରାଯାଇଥିବା ଫଳାଫଳଗୁଡ଼ିକ ବିକୃତ ପ୍ରକୃତିର ହୋଇଥିବାରୁ ନିମ୍ନ ନ୍ୟାୟାଳୟଗୁଡ଼ିକର ଫଳାଫଳକୁ ଓଲଟାଇ ତଥ୍ୟ ଆଧାରରେ ଉଚ୍ଚ ନ୍ୟାୟାଳୟ ନ୍ୟାୟସଙ୍ଗତ ଥିଲେ । ଏହା ଦାଖଲ କରାଯାଇଥିଲା ଯେ ନିମ୍ନ ନ୍ୟାୟାଳୟମାନେ ସେମାନଙ୍କ କ୍ଷେତ୍ରାଧିକାରିତା କ୍ଷେତ୍ର ପ୍ରୟୋଗ କରିବାରେ ଏବଂ ଗୁରୁତ୍ୱପୂର୍ଣ୍ଣ ପ୍ରମାଣକୁ ଅଣଦେଖା କରିବାରେ ଗୁରୁତର ତ୍ରୁଟି କରିଛନ୍ତି ଏବଂ ଏହିପରି ପରିସ୍ଥିତିରେ ଉଚ୍ଚ ନ୍ୟାୟାଳୟ ନିଜ କ୍ଷେତ୍ରାଧିକାରିତା ପ୍ରୟୋଗ କରି ନିମ୍ନ ନ୍ୟାୟାଳୟମାନଙ୍କ ଦ୍ୱାରା କରାଯାଇଥିବା ତ୍ରୁଟିକୁ ସଂଶୋଧନ କରିବା ପାଇଁ ନିଜ ଅଧିକରିତା  କ୍ଷେତ୍ର ମଧ୍ୟରେ ଥିଲେ ।

**ପରିସରର ଯଥାର୍ଥ ଆବଶ୍ୟକତା:**

6. ଆବେଦନକାରୀମାନେ ସେମାନଙ୍କ ଅଭିଯୋଗରେ ସ୍ପଷ୍ଟ ଏବଂ ନିର୍ଦ୍ଦିଷ୍ଟ ଶବ୍ଦରେ ନିବେଦନ କରିଥିଲେ ଯେ ଦର୍ଶାଯାଇଥିବା ପରିସର ସେମାନଙ୍କ ଦ୍ୱାରା "ସେମାନଙ୍କ ନିଜସ୍ୱ ବ୍ୟବହାର ପାଇଁ ଆବଶ୍ୟକ, କାରଣ ସେମାନଙ୍କୁ ଏବଂ ସେମାନଙ୍କ ପୁଅମାନଙ୍କୁ ଦର୍ଶାଯାଇଥିବା ପରିସରରୁ ନିଜସ୍ୱ ବ୍ୟବସାୟ କରିବାକୁ ପଡିବ.........." ଲିଖିତ ବିବୃତିରେ ଉତ୍ତରଦାତା ନିବେଦନ କରିଥିଲେ ଯେ ଅନୁସୂଚୀତ ପରିସର ଆବେଦନକାରୀଙ୍କ ଦ୍ୱାରା ନିଜସ୍ୱ ବ୍ୟବହାର ପାଇଁ ଯଥାର୍ଥ ଭାବରେ ଆବଶ୍ୟକ ନୁହେଁ । ଏହା ବ୍ୟତୀତ, ଏହା ମଧ୍ୟ ନିବେଦନ କରାଯାଇଥିଲା ଯେ ଆବେଦନକାରୀମାନେ 1997 ମସିହାରେ ସେମାନଙ୍କ ନିଜ ପରିସରରେ ନୂତନ ବ୍ୟବସାୟ ଆରମ୍ଭ କରିସାରିଛନ୍ତି । " ଏହା ବ୍ୟତୀତ, ବାଦୀଙ୍କ ଅଧୀନରେ ସମାନ ଅଟ୍ଟାଳିକାରେ ଅନେକ ଭଡ଼ାଟିଆ ଅଛନ୍ତି ଯଥା କାନାରା ବ୍ୟାଙ୍କ, ମଦନ ଇଲେକ୍ଟ୍ରିକାଲ୍ସ ଇତ୍ୟାଦି, କିନ୍ତୁ ପରିସର ଖାଲି କରିବା ପାଇଁ ସେମାନଙ୍କ ବିରୋଧରେ କୌଣସି ମାମଲା ଦାୟର କରାଯାଇ ନାହିଁ ଯାହା ଦର୍ଶାଏ ଏହା ବାଦୀମାନେ ନିଜସ୍ୱ ବ୍ୟବହାର ଏବଂ ବ୍ୟବସାୟ ପାଇଁ ପରିସରର ଆବଶ୍ୟକତା ନାହିଁ......." ବର୍ତ୍ତମାନର ମାମଲାରେ ବାଦୀ ସଂଖ୍ୟା 2 ନିଜକୁ PW- 1 ଭାବେ ସାକ୍ଷ୍ୟ ଦେଇଥିଲେ । ତାଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ଭାବେ କୁହାଯାଇଛି ଯେ ନିଜ ପୁଅମାନଙ୍କ ପାଇଁ ନୂତନ ବ୍ୟବସାୟ ଆରମ୍ଭ କରିବା ପାଇଁ ଏହି

ପରିସର ଆବଶ୍ୟକ, ଯେଉଁ ଉଦ୍ଦେଶ୍ୟରେ ସେମାନଙ୍କ ପାଖରେ ପର୍ଯ୍ୟାପ୍ତ ପାଣ୍ଠି ରହିଛି ଏବଂ ନୂତନ ବ୍ୟବସାୟ ଆରମ୍ଭ କରିବା ପାଇଁ ଆର୍ଥିକ ଅନୁଷ୍ଠାନଗୁଡ଼ିକରୁ ଆବଶ୍ୟକ ସମ୍ବଳର ପରିଚାଳନା ମଧ୍ଯ କରିପାରିବେ । ଜେରା ସମୟରେ PW- 1ଙ୍କୁ ପରାମର୍ଶ ଦିଆଯାଇଥିଲା ଯେ ସେ ଅଭିଯୋଗ ପତ୍ରରେ ଉଲ୍ଲେଖ କରିନଥିଲେ ଯେ ଅଭିଯୋଗକାରୀମାନେ ସେହି ପରିସରରେ କେଉଁ ପ୍ରକାରର ବ୍ୟବସାୟ ଆରମ୍ଭ କରିବାକୁ ଚାହୁଁଛନ୍ତି । ଏହା ସୂଚିତ କରାଯାଇ ନଥିଲା ଯେ ଆବେଦନକାରୀଙ୍କ ପାଖରେ ମକଦ୍ଦମା ପରିସରରେ ନିଜର ବ୍ୟବସାୟ ଆରମ୍ଭ କରିବା ପାଇଁ ଆର୍ଥିକ ସମ୍ବଳ ନଥିଲା । ତଥାପି, ଏହା ପ୍ରସ୍ତାବ ଦିଆଯାଇଥିଲା ଯେ ଭଡ଼ାଟିଆଙ୍କ ଦଖଲରେ ଅନେକ ପରିସର ଥିଲା ଯାହାକୁ PW- 1ଙ୍କ ଦ୍ୱାରା ଗ୍ରହଣ କରାଯାଇଥିଲା ।

7. ନଥିରେ ଉପଲବ୍ଧ ପ୍ରମାଣ ଗୁଡିକର ବିଚାର କରିବା ପରେ ବିଚାରଣ ନ୍ୟାୟାଳୟ ଜାଣିବାକୁ ପାଇଲେ ଯେ ଆବେଦନକାରୀ/ବାଦୀଙ୍କ ପାଖରେ ତଳ ମହଲାରେ ଅବସ୍ଥିତ ମକଦ୍ଦମା ପରିସର ବ୍ୟତୀତ ନିଜର ବ୍ୟବସାୟ ଆରମ୍ଭ କରିବା ପାଇଁ ଅନ୍ୟ କୌଣସି ଉପଯୁକ୍ତ ସ୍ଥାନ ନଥିଲା । ନଥିରେ ଉପଲବ୍ଧ ପ୍ରମାଣକୁ ପୁନଃମୂଲ୍ୟାୟନ ନକରି ଆପୀଲିୟ ନ୍ୟାୟାଳୟ କେବଳ ବିଚାରଣ ନ୍ୟାୟାଳୟଙ୍କର ଫଳାଫଳକୁ ଆକ୍ଷରିକ ନକଲ କରିଥିଲେ । ଏହା କହିବା ବାହୁଲ୍ୟ ଯେ ଏକ ନିୟମିତ ପ୍ରଥମ ଅପିଲ, ମକଦ୍ଦମାର ପୁନଃ ଶୁଣାଣି ବ୍ୟତୀତ ଆଉ କିଛି ନୁହେଁ ଏବଂ ଆପୀଲିୟ ନ୍ୟାୟାଳୟ ନଥିରେ ଉପଲବ୍ଧ ପ୍ରମାଣକୁ ବିଚାର କରିବାକୁ ଏବଂ ଏକ ସିଦ୍ଧାନ୍ତରେ ପହଞ୍ଚିବାକୁ ବାଧ୍ୟ ଅଟନ୍ତି । କେବଳ ପ୍ରମାଣ ଗୁଡିକର ବିଚାର ପରେ ଆସିଥିବା ଏପରି ସିଦ୍ଧାନ୍ତ ନିର୍ଣ୍ଣାୟକ ଏବଂ ସାଧାରଣତଃ ପ୍ରମାଣର ପୁନର୍ବିଚାର କରି ପୁନଃସମୀକ୍ଷା ନ୍ୟାୟାଳୟ ଦ୍ୱାରା ହସ୍ତକ୍ଷେପ କରାଯାଇପାରିବ ନାହିଁ । ଏହି ମାମଲାରେ ବିଚାର କରୁଥିବା ନ୍ୟାୟାଳୟ କୌଣସି ସ୍ୱାଧୀନ ମାନସିକ ପ୍ରୟୋଗ ନକରି ଏବଂ ପ୍ରମାଣର ମୂଲ୍ୟାଙ୍କନ ନକରି ବିଚାରଣ ନ୍ୟାୟଳୟଙ୍କର ରାୟକୁ ଆକ୍ଷରିକ ନକଲ କରିଥିଲେ । ଅପୀଲିୟ ନ୍ୟାୟାଳୟ ଏହାର ଅପିଲ ଅଧିକାରିତା କ୍ଷେତ୍ର ପ୍ରୟୋଗ କରିବାରେ ଶୋଚନୀୟ ଭାବରେ ବିଫଳ ହୋଇଥିଲେ । ଉଚ୍ଚ ନ୍ୟାୟାଳୟ ଏହି ମତ ରଖିବା ଠିକ୍ ଯେ ଆପୀଲିୟ ନ୍ୟାୟାଳୟ କୌଣସି ସ୍ୱାଧୀନ ବୁଦ୍ଧିମତ୍ତା ପ୍ରୟୋଗ ବିନା କେବଳ ବିଚାରଣ ନ୍ୟାୟାଳୟଙ୍କର ରାୟକୁ ପୁନଃ ଉପସ୍ଥାପନ କରିଥିଲେ ।

8. କିନ୍ତୁ ବର୍ତ୍ତମାନର ମାମଲାରେ ଆମ ବିଚାର ପାଇଁ ଯେଉଁ ପ୍ରଶ୍ନ ଉଠୁଛି ତାହା ହେଉଛି ପୁନଃସମୀକ୍ଷା ନ୍ୟାୟାଳୟ ପ୍ରମାଣକୁ ପୁନର୍ବିଚାର କରିବା ଏବଂ ଅପୀଲିୟ ନ୍ୟାୟାଳୟ ପ୍ରମାଣକୁ ସଠିକ୍ ଭାବରେ ବିଚାର କରିନଥିବା ଆଧାରରେ ନିଜ ସିଦ୍ଧାନ୍ତକୁ ପ୍ରତିସ୍ଥାପିତ କରି ନ୍ୟାୟସଙ୍ଗତ

ଥିଲେ କି? ଏହା ଏକ ସ୍ଥିରୀକୃତ ଆଇନ ଯେ ଉଚ୍ଚ ନ୍ୟାୟାଳୟ ପ୍ରମାଣର ପୁନର୍ବିଚାର କରିପାରିବେ ନାହିଁ ଏବଂ ପ୍ରମାଣର ଏକ ଭିନ୍ନ ଦୃଷ୍ଟିକୋଣ ନେଇ ତଥ୍ୟର ସମକାଳୀନ ଫଳାଫଳକୁ ବାତିଲ କରିବାପାରିବେ ନାହିଁ । ଯଦି ଉଚ୍ଚ ନ୍ୟାୟାଳୟଙ୍କ ମତରେ ନିମ୍ନ ଅଦାଲତଗୁଡ଼ିକ ନଥିରେ ଥିବା ସାମଗ୍ରୀକ ପ୍ରମାଣକୁ ବିଚାର କରିନାହାଁନ୍ତି, ତେବେ ମାମଲାକୁ ବିଚାର ପାଇଁ ପଠାଇବା ସର୍ବଦା ଉଚ୍ଚ ନ୍ୟାୟାଳୟଙ୍କ ପାଇଁ ଉନ୍ମୁକ୍ତ ରହିବ । ଏହି ମାମଲାରେ, ଅପୀଲିୟ ନ୍ୟାୟାଳୟ ନଥିରେ ଥିବା ସାମଗ୍ରୀକ ପ୍ରମାଣକୁ ବିଚାର କରିବାରେ ବିଫଳ ହୋଇଥିବ ଆଧାରରେ, ଉଚ୍ଚ ନ୍ୟାୟାଳୟ ମାମଲାକୁ ଅପୀଲିୟ ନ୍ୟାୟାଳୟ ଦ୍ୱାରା ପୁନର୍ବିଚାର ପାଇଁ ପଠାଇବା ପରିବର୍ତ୍ତେ, ସେହି ଦାୟିତ୍ୱ ନିଜେ ନେବାକୁ ବାଛିଥିଲେ ଯାହାକୁ ଗ୍ରହଣ କରିବା ଆମ ପାଇଁ କଷ୍ଟକର ମନେହୁଏ ।

**ଇଚ୍ଛାକୃତ ଖିଲାପ:**

9. ଆମେ ଦେଖୁଛୁ ଯେ ପ୍ରଥମ ଅପୀଲିୟ ନ୍ୟାୟାଳୟ ଉତ୍ତରଦାତାଙ୍କ ଦ୍ୱାରା ଅଭିଯୋଗ କରାଯାଇଥିବା ଇଚ୍ଛାକୃତ ଖିଲାପ ସମ୍ବନ୍ଧୀୟ ପ୍ରସଙ୍ଗକୁ ବିଚାର କରିବା ସମୟରେ ମଧ୍ୟ ସମାନ ଭୁଲ କରିଛନ୍ତି । ଏହି ପ୍ରସଙ୍ଗରେ ମଧ୍ୟ ଆପୀଲିୟ ନ୍ୟାୟାଳୟ କେବଳ ବିଚାରଣ ନ୍ୟାୟଳୟଙ୍କର ଆକ୍ଷରିକ ରାୟକୁ ପୁନର୍ବାର ଉପସ୍ଥାପନ କରିଥିଲେ ।

10. ଉପରୋକ୍ତ ସମସ୍ତ ତଥ୍ୟ ଏବଂ ପରିସ୍ଥିତିକୁ ବିଚାରକୁ ନେଇ, ଆମେ ଏହି ରାୟ ଦେବାକୁ ବାଧ୍ୟ ଯେ ଉଚ୍ଚ ନ୍ୟାୟାଳୟଙ୍କର ଆଦେଶ ବଜାୟ ରଖାଯାଇପାରିବ ନାହିଁ ଏବଂ ତେଣୁ ଆମେ ଏହାକୁ ବାତିଲ କରାଯିବା ଉଚିତ ଏବଂ ଆଇନ ଅନୁଯାୟୀ ଏହାର ସମାଧାନ ପାଇଁ ଆବେଦନଟିର ନୂତନ ଶୁଣାଣି ପାଇଁ ପ୍ରଥମ ଅପୀଲିୟ ନ୍ୟାୟାଳୟ (ଦେୱାନୀ ବିଚାରପତି ସଂଖ୍ୟା 2, କାମରୂପ, ଗୌହାଟୀର ଅପୀଲିୟ ନ୍ୟାୟାଳୟ) ନିକଟକୁ ମାମଲା ପଠାଗଲା ।  ଏହା କହିବ ବାହୁଲ୍ୟ ଯେ ଅପୀଲିୟ ନ୍ୟାୟାଳୟ ଏହି ମାମଲାର ପୁନଶୁଣାଣୀ କରିବେ ଏବଂ ନଥିରେ ଉପଲବ୍ଧ ପ୍ରମାଣକୁ ସଠିକ୍ ଭାବରେ ପୁନର୍ବିଚାର କରି ଏହାର ବିଚାର ପାଇଁ ଉତ୍ପନ୍ନ ସମସ୍ତ ପ୍ରସଙ୍ଗର ନିଷ୍ପତ୍ତି ନେବେ ।ଏହି ଆବେଦନ ଉପରେ ଆଜିଠାରୁ ଛଅ ମାସ ମଧ୍ୟରେ ଶୁଣାଣି ହେବ ଏବଂ ଏହାର ସମାଧାନ କରାଯିବ ।

11. ତଦନୁସାରେ, ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ବିନା ଆବେଦନକୁ ଅନୁମତି ଦିଆଗଲା ।

ଆର୍. ପି ଆବେଦନକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର :
ମଦନ ମୋହନ ଭୂୟାଁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।